# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 24 November – 2025

*************************************

## ମୁଖ୍ୟ ସମ୍ବାଦ

- ନୂତନ ଶ୍ରମ ସଂସ୍କାର ଦେଶର ଶ୍ରମ କ୍ଷେତ୍ରକୁ ସଶକ୍ତ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି; କହିଲେ ପ୍ରଧାନମନ୍ତ୍ରୀ
- ଭୁବନେଶ୍ୱରରେ ଲୋକଙ୍କର ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

– କହିଲେ ସରକାରୀ ପଦକ୍ଷେପର ସୁଫଳ ତୃଣମୂଳସ୍ତରରେ ପହଁଞ୍ଚାଇବା ପାଇଁ ଜିଲ୍ଲାସ୍ତରରେ ହେଉଛି ଶୁଣାଣି

- ରାଜ୍ୟରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଧାନ ସଂଗ୍ରହ ପ୍ରକ୍ରିୟା

ଏବଂ

- ସମ୍ବଲପୁରରେ ଉଦ୍‌ଯାପିତ ହେଲା ସାଂସଦ ଖେଳ ମହୋତ୍ସବ

Desk

## ପ୍ରଧାନମନ୍ତ୍ରୀ- ଶ୍ରମ ସଂସ୍କାର

ଦେଶରେ ନୂତନ ଶ୍ରମ ସଂସ୍କାର ଶ୍ରମ କ୍ଷେତ୍ରକୁ ସଶକ୍ତ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଭବିଷ୍ୟତର ଆର୍ଥିକ ପରିସ୍ଥିତି ଆହ୍ୱାନଗୁଡ଼ିକର ସରଳ ସମାଧାନ, ମହିଳା ଶ୍ରମିକଙ୍କୁ ସଶକ୍ତ କରିବାରେ ନୂତନ ଶ୍ରମ ସଂହିତା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି। ବିଶ୍ୱ ଶ୍ରମ ଶକ୍ତି କ୍ଷେତ୍ରରେ ଭାରତ ନିଜର ସ୍ଥିତିକୁ ଅଧିକ ସୁଦୃଢ଼ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବୀୟଙ୍କ ନୂତନ ଶ୍ରମ ସଂହିତା ସମ୍ପର୍କିତ ଏକ ସନ୍ଦର୍ଭ ଉପରେ ନିଜର ମତପ୍ରକାଶ କରି ଶ୍ରୀ ମୋଦୀ ଏହା କହିଛନ୍ତି।

BBSR/R

## ମୁଖ୍ୟମନ୍ତ୍ରୀ- ଜନଅଭିଯୋଗ ଶୁଣାଣି

ରାଜ୍ୟବାସୀଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ ଓ ସହାୟତା ପ୍ରଦାନ କରିବାକୁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରରେ ଶ୍ରୀ ମାଝୀ କହିଛନ୍ତି। ସରକାରୀ ପଦକ୍ଷେପର ସୁଫଳ ତୃଣମୂଳସ୍ତରରେ ପହଁଞ୍ଚାଇବା ଲକ୍ଷ୍ୟ ନେଇ ଜିଲ୍ଲାସ୍ତରରେ ମଧ୍ୟ ଜନଅଭିଯୋଗ ଶୁଣାଣି ଶିବିରର ଆୟୋଜନ କରାଯାଉଛି। 'ସବ୍‌କା ସାଥ୍, ସବ୍‌କା ବିଶ୍ୱାସ' ମନ୍ତ୍ରରେ

ପରିଚାଳିତ ହୋଇ ସରକାର 'ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ' ଦିଗରେ ଅଗ୍ରସର ହେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକଙ୍କ ସହ ସିଧାସଳଖ ଆଲୋଚନା କରିଥିବା ବେଳେ ତ୍ୱରିତ ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୧୪ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୨ ହଜାର ୯୫୦ଟି ଅଭିଯୋଗ ମଧ୍ୟରୁ ୧୨ ହଜାର ୩୭୧ଟି ଅର୍ଥାତ୍ ୯୬ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବାକି ରହିଥିବା ୫୭୯ଟି ଅଭିଯୋଗର ସମାଧାନ ପ୍ରକ୍ରିୟା ଜାରି ରହିଥିବା ଜଣାପଡ଼ିଛି। ଆଜିର ଶୁଣାଣି ଶିବିରରେ ରାଜ୍ୟ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ତଥା ବିଭିନ୍ନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଯୋଗ ଦେଇଥିଲେ।

Nuapada/G.jam/N.garh/D.garh/BHK/N.rangpur/G.pati

## ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିବା ନେଇ ଖବର ଆମର ହସ୍ତଗତ ହୋଇଛି।

ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ଦଣ୍ଡାସିଂହା ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୫୧ଟି ଅଭିଯୋଗ ଉପରେ ଶୁଣାଣି କରାଯାଇଛି।

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ  ଅନୁଷ୍ଠିତ ଶୁଣାଣି ଶିବିରରେ ପଞ୍ଜୀକୃତ ହୋଇଥିବା ୧୨୪ଟି ଅଭିଯୋଗ ମଧ୍ୟରୁ ୨୬ଟିର ଶୁଣାଣି ହୋଇଛି।

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକଠାରେ ଅନୁଷ୍ଠିତ ଶିବିରରେ ୧୪ଟି ଅଭିଯୋଗର ଶୁଣାଣି କରାଯିବା ସହ ତିନିଜଣଙ୍କୁ ହୁଇଲ୍ ଚେୟାର ଏବଂ ୫ ଜଣଙ୍କୁ ପେନସନ୍ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି।

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ କୁମୁଳାସିଂହ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ମୋଟ୍ ୮୮ଟି ଅଭିଯୋଗର ଶୁଣାଣି କରାଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ପକ୍ଷରୁ ୫ ଜଣଙ୍କୁ ପେନସନ୍ କାର୍ଡ ବଣ୍ଟନ କରାଯାଇଛି।

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକରେ ଅନୁଷ୍ଠିତ ଶିବିରରେ ୭୭ଟି ଅଭିଯୋଗର ଶୁଣାଣି କରାଯାଇ ୨୭ଟିର ତତ୍କାଳ ସମାଧାନ କରାଯାଇଛି।

ଗଞ୍ଜାମ ବ୍ଲକ ସଭାଗୃହଠାରେ ଜିଲ୍ଲାପାଳ ଭି.କୀର୍ତ୍ତିଭାସନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ୧୩୨ଟି ଅଭିଯୋଗର ଶୁଣାଣି କରାଯାଇଛି। ଦୁଇଜଣଙ୍କୁ ରେଡକ୍ରସ ପାଣ୍ଠିରୁ ଅର୍ଥ ସହାୟତା ପ୍ରଦାନ କରାଯାଇଛି।

ନୂଆପଡ଼ା ସିନାପାଲି ବ୍ଲକ ସଭାଗୃହଠାରେ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ପୌରୋହିତ୍ୟରେ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୬୪ଟି ଅଭିଯୋଗର ଶୁଣାଣି କରାଯାଇଛି।

Sambalpur/R/V/

# ପକ୍କାଘର

ରାଜ୍ୟରେ ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୧୪ ହଜାର ୩୫୭ ପକ୍କାଘର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଆସନ୍ତା ମାସ ସୁଦ୍ଧା ଅସମ୍ପୂର୍ଣ୍ଣ ଥିବା ୩ ଲକ୍ଷ ୨୬ ହଜାର ୫୮୨ଟି ଘର ମଧ୍ୟରୁ ୧ ଲକ୍ଷ ୮୮ ହଜାର ୨୬୩ଟି ପକ୍କାଘର କାର୍ଯ୍ୟ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ଶ୍ରୀ ନାୟକ କହିଛନ୍ତି...

**- V/O –**

Puri

# ଉପମୁଖ୍ୟମନ୍ତ୍ରୀ– ପ୍ରକଳ୍ପ ଭିତ୍ତିପ୍ରସ୍ତର

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ନିମାପଡ଼ାଠାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ଶ୍ରୀମତୀ ପରିଡ଼ା ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ, ଭିଲିପୁର ଗ୍ରାମ ପଞ୍ଚାୟତରେ ରାସ୍ତା, ଆଶାପୂରଣ ମାଇନରଠାରେ ତିନୋଟି ବ୍ରିଜ୍ ନିର୍ମାଣର ଶିଳାନ୍ୟାସ କରିଛନ୍ତି ।

I&PR

# ମହିଳା ଜନଶୁଣାଣି

ବାଲେଶ୍ୱର ଜିଲ୍ଲାରେ ଜାତୀୟ ମହିଳା ଆୟୋଗଙ୍କ ପକ୍ଷରୁ ‘ଆପ୍ କେ ଦ୍ୱାର’ ମହିଳା ଜନଶୁଣାଣି କାର୍ଯ୍ୟକ୍ରମର ଆୟୋଜନ କରାଯିବ । ଆସନ୍ତା

୨୭ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ହେବାକୁ ଥିବା ଶୁଣାଣି ପାଇଁ ୬ଟି ଜିଲ୍ଲାର ଅଭିଯୋଗ ଗ୍ରହଣ କରାଯାଇଛି ।

Desk

# ଧାନ ସଂଗ୍ରହ ବୈଠକ

ରାଜ୍ୟରେ ଆସନ୍ତାକାଲିଠାରୁ ଧାନସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ଚାଷୀଙ୍କ ପାଇଁ ମଣ୍ଡିଗୁଡ଼ିକରେ ଚଳିତଥର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଠିକ୍ ସମୟରେ ଗାଡ଼ି ପହଁଞ୍ଚାଇବା ପାଇଁ ମିଲ୍ ମାଲିକଙ୍କୁ ନିର୍ଦ୍ଦେଶ ଦିଆଯିବା ସହ ଧାନକ୍ରୟ ଉପରେ ନଜର ରଖିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। କଟନୀ ଛଟ୍‌ନୀ ଉପରେ ସରକାର ନଜର ରଖିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି ।

ଧାନ ସଂଗ୍ରହ କମିଟି ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଧାନ ବିକ୍ରୟ ନିମନ୍ତେ ୧୯ଲକ୍ଷ ୬୮ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି । ଗତବର୍ଷ ୧୭ଲକ୍ଷ ୫୦ ହଜାର ଚାଷୀ ପଞ୍ଜୀକରଣ କରିଥିଲେ । ଚଳିତବର୍ଷ ଉଭୟ ଖରିଫ୍ ଓ ରବିଋତୁ ପାଇଁ ୯୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଥିବା ଜଣାପଡ଼ିଛି ।

Balangir/Nayagarh

# ଜିଲ୍ଲା–ଧାନ ସଂଗ୍ରହ

ରାଜ୍ୟର ବିଭିନ୍ନ ସ୍ଥାନରେ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ନୟାଗଡ଼ ଜିଲ୍ଲାରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲାର ୧୬୭ଟି ମଣ୍ଡିରେ ଧାନସଂଗ୍ରହ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ବଲାଙ୍ଗୀର ଜିଲ୍ଲାରେ ଚଳିତ ବର୍ଷ ୨ ଲକ୍ଷ ୪୬ ହଜାର ଟନ୍ ଧାନ ସଂଗ୍ରହ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକରୁ ଏହି ସୂଚନା ମିଳିଛି।

Desk

## ସମବାୟ ସପ୍ତାହ

ସମବାୟ ଆମ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ। ବ୍ୟବସାୟିକ ମଡେଲ ନୁହେଁ ବରଂ ଏହା ଏକ ବିଚାର ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁରରେ ଆୟୋଜିତ ଜିଲ୍ଲାସ୍ତରୀୟ ସର୍ବଭାରତୀୟ ୭୨ତମ ସମବାୟ ସପ୍ତାହ ପାଳନ ଅବସରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଗ୍ରାମୀଣ ଅର୍ଥନୀତି ଏବଂ କୃଷକଙ୍କୁ ସଶକ୍ତ କରିବାରେ ସମବାୟ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଏହି କ୍ଷେତ୍ରକୁ ଦେଶର ବିକାଶର ମୂଳସ୍ରୋତରେ ସାମିଲ କରିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମବାୟରୁ ସମୃଦ୍ଧି ଦୃଷ୍ଟିକୋଣ ଆଧାରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ଭାବରେ ସମବାୟ ମନ୍ତ୍ରଣାଳୟ ଗଠନ କରାଯାଇଛି। ରାଜ୍ୟରେ ନୂଆ ସମବାୟ ନୀତି ପ୍ରସ୍ତୁତି ନେଇ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ପ୍ରତି ପଞ୍ଚାୟତସ୍ତରରେ ସମବାୟ ପ୍ରଶିକ୍ଷଣ ଶିବିର ଆୟୋଜନ କରିବା ନେଇ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। ଜିଲ୍ଲାର

ପ୍ରତ୍ୟେକ ପରିବାରଙ୍କୁ ଆସନ୍ତା ଦୁଇ ବର୍ଷ ମଧ୍ୟରେ ସମବାୟ ସମିତି ସହ ଯୋଡ଼ି ହେବାକୁ ମନ୍ତ୍ରୀ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି ।

କାର୍ଯ୍ୟକ୍ରମରେ ରାଜ୍ୟ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ତଥା ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ ଏବଂ ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

Kendrapara/Dhenkanal

## ତୀର୍ଥଯାତ୍ରା

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଢେଙ୍କାନାଳ ଜିଲ୍ଲାର ୮୯ ଜଣ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ୧୦୮ ଜଣ ବରିଷ୍ଠ ନାଗରିକ ଉଜ୍ଜୈନ ଏବଂ ଓମ୍‌କାରେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ତୀର୍ଥଯାତ୍ରୀମାନେ ଆସନ୍ତାକାଲି ଟ୍ରେନ୍ ଯୋଗେ ଭୁବନେଶ୍ୱରରୁ ବାହାରିବେ ବୋଲି ଜଣାପଡ଼ିଛି ।

Malkangiri

## ଏକତା ପଦଯାତ୍ରା

ମାଲକାନଗିରି ଜିଲ୍ଲା ସଦର ମହକୁମାଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା

# କ୍ରୀଡ଼ା ମହୋତ୍ସବ

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ସାଂସଦ ଖେଳ ମହୋତ୍ସବ ଦକ୍ଷ କ୍ରୀଡ଼ାବିତ୍‌ଙ୍କୁ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ଠାରେ ଏହି ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାପ୍ରସୂତ ଏହି ପ୍ରୟାସ ଖେଳାଳିଙ୍କୁ ତୃଣମୂଳସ୍ତରରୁ ଜାତୀୟସ୍ତରକୁ ଉନ୍ନୀତ କରିବା ପାଇଁ ଉଦ୍ଦିଷ୍ଟ । ଦୈନନ୍ଦୀନ ଜୀବନରେ କ୍ରୀଡ଼ାକୁ ପ୍ରାଥମିକତା ପ୍ରଦାନ କରିବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେବା ସହ ୨୦୩୬ ଅଲିମ୍ପିକ୍ସ ପ୍ରତିଯୋଗିତା ପାଇଁ ଭାରତର ପ୍ରସ୍ତୁତି ଦିଗରେ ଏଭଳି ମହୋତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି କହିଛନ୍ତି ।

ସମ୍ବଲପୁର ଲୋକସେବା କ୍ଷେତ୍ରର ବିଭିନ୍ନ ବ୍ଲକରେ ଆୟୋଜିତ ଏହି ମହୋତ୍ସବରେ ଭାଗ ନେବା ପାଇଁ ୫୩ ହଜାର ୬୧୯ ଜଣ ଖେଳାଳି ପଞ୍ଜୀକୃତ ହୋଇଥିଲେ । ସେଥିମଧ୍ୟରୁ ୨୭ ହଜାର ୪୫୫ ଜଣ ଛାତ୍ର ଏବଂ ୨୬ ହଜାର ୧୫୯ ଜଣ ଛାତ୍ରୀ ଅନ୍ତର୍ଭୁକ୍ତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସମାରୋହରେ ରାଜ୍ୟ କ୍ରୀଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ବିଧାୟକ ଜୟନାରାୟଣ ମିଶ୍ର, ଅଗସ୍ତି ବେହେରା ଏବଂ ପ୍ରତାପ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

# ବାରବାଟୀ ଷ୍ଟାଡିୟମ୍ ଅନୁଧ୍ୟାନ

ବାରବାଟୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ଆଗାମୀ ଆର୍ନ୍ତଜାତିକ ଟି-ଟ୍ୱେଣ୍ଟି ମ୍ୟାଚ୍ ପାଇଁ ପ୍ରସ୍ତୁତି ତ୍ୱରାନ୍ୱିତ ହୋଇଛି। ରାଜ୍ୟ ସରକାର ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ପ୍ରସ୍ତୁତି ନେଇ ସମୀକ୍ଷା କରାଯିବା ସହ ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏ.ଡି.ଏମ୍. ଶିବ ଟୋପ ଏବଂ କଟକ ଡିସିପି ଓ ଓସିଏ'ର ମୁଖ୍ୟ ବୈଷୟିକ ପରାମର୍ଶଦାତା ବାରବାଟୀ ଷ୍ଟାଡିୟମ୍‌ର ଆଜି ସ୍ଥିତି ଅନୁଧ୍ୟାନ କରିଛନ୍ତି।

Sambalpur

# ଧର୍ମେନ୍ଦ୍ର ପ୍ରଧାନ- ଚିଡ଼ିଆଖାନା

ସମ୍ବଲପୁର ଚିଡ଼ିଆଖାନାର ଉନ୍ନତିକରଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଚିଡ଼ିଆଖାନାର ବାଘ, ମଗର ଏବଂ ଘଡ଼ିଆଳ ଖୁଆଡ଼ର ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଚିଡ଼ିଆଖାନାର ଉନ୍ନତିକରଣ ପାଇଁ ୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଚିଡ଼ିଆଖାନାର ପରିସର ବୃଦ୍ଧି ଏବଂ ଉନ୍ନତିକରଣ ଲକ୍ଷ୍ୟ ନେଇ ଏକ ସମ୍ବଲପୁର ଚିଡ଼ିଆଖାନା କମିଟି ଗଠନ କରାଯିବ। ଆବଶ୍ୟକ ପଡୁଥିବା ୩୫ ହେକ୍ଟର ଜମି ଅଧିଗ୍ରହଣ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ୭୦ରୁ ଅଧିକ ପଶୁପକ୍ଷୀ ଥିବା ଏହି ଚିଡ଼ିଆଖାନାରେ ଆଗାମୀ ଦିନରେ ଅଧିକ ପକ୍ଷୀଙ୍କ ପାଇଁ ଖୁଆଡ଼ ପ୍ରସ୍ତୁତ କରାଯିବ ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରାଣୀ ଉଦ୍ୟାନ ହେଉଛି

ପରିବେଶ ଶିକ୍ଷାର ଏକ ମୁକ୍ତ ବିଦ୍ୟାଳୟ। ଛାତ୍ରଛାତ୍ରୀ ଏବଂ ସାଧାରଣ ଜନତା ଏନକ୍ଲୋଜର ମାଧ୍ୟମରେ ପ୍ରାଣୀ ଜଗତ ବିଷୟରେ ଅଧିକ ଜାଣିପାରିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଚିଡ଼ିଆଖାନାର ଉନ୍ନତିକରଣ ଦ୍ୱାରା ପର୍ଯ୍ୟଟନ କ୍ଷେତ୍ର ଗତିଶୀଳ ହେବ ଏବଂ ନିଯୁକ୍ତିକ୍ଷେତ୍ର ଓ ଅର୍ଥନୀତି ପାଇଁ ସୁଯୋଗ ସୃଷ୍ଟି ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।